## ସଂକ୍ଷେପରେ

### ଇସ୍କନ୍ ମନ୍ଦିରରେ ୩ ଦିନ ପାଳନ ହେବ ଜନ୍ମାଷ୍ଟମୀ ମହୋତ୍ସବ

ଭଦ୍ରକ,୨୪।୮
(ସନାତନ ରାଉତ)

ଭଦ୍ରକ ପୌରାଞ୍ଚଳ ଅଧୀନ କୁଆଁସସ୍ଥିତ ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘ ପକ୍ଷରୁ ଇସ୍କନ ମନ୍ଦିରରେ ରବିବାରଠାରୁ ୩ଦିନ ଧରି ଜନ୍ମାଷ୍ଟମୀ ମହୋତ୍ସବ ପାଳନ ହେବ। ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଶ୍ରୀପାଦ ତେଜସ୍ୱୀ ଗୌରଦାସଙ୍କ ସୂଚନା ମୁତାବକ ରବିବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୌଦ୍ଧିକ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ପ୍ରତିଯୋଗିତା, ସୋମବାର ନିତ୍ୟ ପୂଜାର୍ଚ୍ଚନା, ଶ୍ରୀକୃଷ୍ଣଙ୍କ ଅଭିଷେକ ପୂର୍ବାହ୍ନରେ କରାଯିବା ସହ ଏକ ପତ୍ରିକା ଉନ୍ମୋଚନ କରାଯିବ। ମଙ୍ଗଳବାର ନନ୍ଦୋତ୍ସବ ପାଳନ, ଇସ୍କନର ପ୍ରତିଷ୍ଠାତା ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ ବ୍ୟାସପୂଜା ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଜଣାଯାଇଛି। ଶ୍ରୀପାଦ ପୂର୍ଣ୍ଣଚନ୍ଦ୍ର ଦାସ, ନାମାଚାର୍ଯ୍ୟ ଦାସ, ହରିବଲ୍ଲଭ ଦାସ, ଉଦ୍ଧବକୃପା ଦାସ, ଗୋପାଳଭଟ୍ଟ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଜଳସେଚନ ହୋଇପାରୁନି, ମରୁଡ଼ି ଆଶଙ୍କା

- ଜରାଜୀର୍ଣ୍ଣ ଅବସ୍ଥାରେ ସ୍ଲୁଇସ୍ ଗେଟ୍
- ବାରମ୍ବାର ଅଭିଯୋଗ ପରେ ବି ହେଉନି ପୁନରୁଦ୍ଧାର

ଧାମନଗର,୨୪।୮
(ସନ୍ତୋଷ କୁମାର ମହାପାତ୍ର)


'ଯ' ନଦୀରେ ଥିବା ସ୍ଲୁଇସ୍ ଗେଟ୍।

ଭଦ୍ରକ ଜିଲା ଧାମନଗର ବ୍ଲକର ଭଗବାନପୁର ପଞ୍ଚାୟତ ଦେଇ ପ୍ରବାହିତ 'ଯ' ନଦୀରେ ଥିବା ସ୍ଲୁଇସ୍ ଗେଟ୍ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସ୍ଲୁଇସ୍ ଗେଟ୍ ଭାଙ୍ଗିରୁଜି ଯାଇଥିବା ବେଳେ ଏହା ଉପରେ ନିର୍ଭର କରୁଥିବା ପାଖାପାଖି ୧ ହଜାର ହେକ୍ଟର ଧାନ ଚାଷଜମିକୁ ଜଳସେଚନ ହୋଇପାରୁନାହିଁ। ଫଳରେ ଜଳସେଚନ ଅଭାବରୁ ଉକ୍ତ ଚାଷଜମିରେ ମରୁଡ଼ି ହେବା ନେଇ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଚାଷଜମିକୁ ଜଳସେଚନ ସୁବିଧା ପାଇଁ ଭଦ୍ରକ ଡ୍ରେନେଜ ବିଭାଗ ପକ୍ଷରୁ ୨୦୦୪ରେ ଭଗବାନପୁର ପଞ୍ଚାୟତର ପଳିକିରି ଗ୍ରାମ ନିକଟରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇଥିଲା। ନିର୍ମାଣ ପରଠାରୁ ନଦୀର ଉଭୟ ପାର୍ଶ୍ୱରେ ଥିବା ଚାଷଜମିରେ ଜଳସେଚନ ସୁବିଧା ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ସ୍ଲୁଇସ୍ ଗେଟ୍‌ର ଲୁହା କବାଟ ଓ ଖୁଣ୍ଟରେ କଳଙ୍କି ଲାଗି ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଗତ ୨ ବର୍ଷ ଧରି ଏପରି ଅବସ୍ଥା ହୋଇଥିବା ବେଳେ ସ୍ଲୁଇସ୍ ଗେଟ୍‌ରେ ପୂର୍ବପରି ପାଣି ଷ୍ଟକ୍ ରହୁ ନ ଥିବାରୁ ଚାଷଜମିକୁ ଆବଶ୍ୟକ ପାଣି ମାଡ଼ିପାରୁ ନାହିଁ। ଗତବର୍ଷ ଏହାର ମରାମତି ଓ ପୁନରୁଦ୍ଧାର ନିମନ୍ତେ ବିଭାଗୀୟ ଯନ୍ତ୍ରୀ ଓ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସ୍ଥାନୀୟ ଚାଷୀମାନେ କହିଛନ୍ତି।

ଚଳିତବର୍ଷ ଜିଲାରେ ନିଅଣ୍ଟିଆ ବର୍ଷା ସାଙ୍ଗକୁ ଚାଷଜମିକୁ ଜଳସେଚନ ହୋଇ ନ ପାରିଲେ ମରୁଡ଼ି ଆଶଙ୍କାରେ ଚାଷୀମାନେ ଚିନ୍ତାରେ ଅଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଏହି ସ୍ଲୁଇସ୍ ଗେଟ୍ ପୁନଃ ନିର୍ମାଣ କରାଇବାକୁ ସ୍ଥାନୀୟ ଚାଷୀ ଦିଲୀପ ଦାଶ, ହିମାଂଶୁ ଦାଶ, ଗଦାଧର ସାହୁ, ମାନସ ଦାଶ, ପ୍ରସନ୍ନ ନାୟକ, ନାରାୟଣ ଚନ୍ଦ୍ର ଦାଶ, ଚକ୍ରଧର ସେନାପତି, ଚକ୍ରଧର ଦାଶ, ମଣିଭଦ୍ର ମାଝୀ, ମାୟାଧର ମାଝୀ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଡ୍ରେନେଜ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ ମଲ୍ଲିକଙ୍କୁ ପଚାରିବାରୁ ଅନୁଧାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ବେଙ୍ଗାଲୁରୁରୁ ଆସିଲା ଯୁବକଙ୍କ ମୃତଦେହ

### ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଗ୍ରାମବାସୀ

ଧାମନଗର,୨୪।୮(ସନ୍ତୋଷ କୁମାର ମହାପାତ୍ର)

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଗ୍ରାମର ଜଣେ ଯୁବକଙ୍କ ମୃତଦେହ ବେଙ୍ଗାଲୁରୁରୁ ଆସି ଶନିବାର ଗାଁରେ ପହଞ୍ଚିଛି। ମୃତକ ହେଲେ ଉକ୍ତ ଗ୍ରାମର ଯେନାସାହିର ଶରତ କୁମାର ଜେନାଙ୍କ ବଡ଼ପୁଅ ଅବିନାଶ(୨୬)। ସେ କିଛି ବର୍ଷ ହେବ ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଦୁଇଦିନ ତଳେ ସେଠାରେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶରତଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ପୁଅର ମୃତଦେହ ଘରକୁ ଆଣିପାରୁ ନ ଥିଲେ। ତାଙ୍କ ପରିବାର ଲୋକଙ୍କ ସହ ପ୍ରବାସୀ ଓଡ଼ିଆ ଯୁବ ସାମାଜିକ କର୍ମୀ ସରୋଜ ପରିଡ଼ା, ମାନସ ଘଡ଼େଇ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କୁ ସାହାଯ୍ୟ ପାଇଁ ଯୋଗାଯୋଗ କରିଥିଲେ। ମନ୍ତ୍ରୀ ଭଦ୍ରକ ଜିଲା ପ୍ରଶାସନ ଓ ବେଙ୍ଗାଲୁରୁର ସ୍ଥାନୀୟ ପ୍ରଶାସନକୁ ଚିଠି କରିବା ସହ ମୃତଦେହ ଆଣିବା ପାଇଁ ଆଲୋଚନା କରିଥିଲେ। ଅବିନାଶଙ୍କ ମୃତଦେହ ବେଙ୍ଗାଲୁରୁରୁ ବିମାନ ଯୋଗେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କ ଗାଁରେ ପହଞ୍ଚାଇଥିଲେ। ମନ୍ତ୍ରୀଙ୍କ ଏହି ପଦକ୍ଷେପ ପାଇଁ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି।

## 'ମୋବାଇଲ ଛାଡ଼ି ବହି ଧରିବା'

ଭଣ୍ଡାରିପୋଖରୀ,୨୪।୮(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିରରେ ଶନିବାର 'ମୋବାଇଲ ଛାଡ଼ି ବହି ଧରିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁରର ଲୋକନାଥ ପାଠାଗାର ପକ୍ଷରୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କୁ ଶିକ୍ଷଣୀୟ ପୁସ୍ତକ ଯୋଗାଇ ଦିଆଯିବା ସହ ସଂଗୃହୀତ ତାଳପତ୍ର ପୋଥି, ବିଭିନ୍ନ ଦେଶର ଡାକ ଟିକେଟ, ମୁଦ୍ରା ଓ ଅନ୍ୟାନ୍ୟ ପୁରାତନ ସାମଗ୍ରୀ ପ୍ରଦର୍ଶିତ କରି ପ୍ରାଚୀନ ସଂସ୍କୃତି ସମ୍ପର୍କରେ ଅବଗତ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୋକନାଥ ପାଠାଗାରର ପ୍ରତିଷ୍ଠାତା ବିକାଶ କୁମାର ଶତପଥୀ ଯୋଗଦେଇ ମୋବାଇଲ ଛାଡ଼ି ବହି ପଢ଼ିବା ଦ୍ୱାରା ମିଳୁଥିବା ଉପକାର ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ସଦାନନ୍ଦ ପାଣିଗ୍ରାହୀ ପୁସ୍ତକ ଅଧ୍ୟୟନର ଗୁରୁତ୍ୱ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଗୁରୁମା ପ୍ରଭାତୀ ବାହାଳିଆ ଧନ୍ୟବାଦ ଅର୍ପଣ କରିଥିଲେ।


ଶାରଦା ବିଦ୍ୟାମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଚୋରି ମାମଲାରେ ୪ ଗିରଫ


ଜବତ ସାମଗ୍ରୀ ସହ ଗିରଫ ୪ ଅଭିଯୁକ୍ତ।

ଭଦ୍ରକ,୨୪।୮(ସନାତନ ରାଉତ)

ଭଦ୍ରକ ଜିଲା ସାବରଙ୍ଗ ଥାନା ପୋଲିସ ଏକ ଚୋରି ମାମଲାରେ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ଏକ ଗ୍ୟାସ୍ ସିଲିଣ୍ଡର, ଗୋଟିଏ ଷ୍ଟାଣ୍ଡ ଫ୍ୟାନ, ୨ଟି ପାଣିପମ୍ପ ଓ ବାସନ ସାମଗ୍ରୀ ସହ ଚୋରି ଜିନିଷ ବୁହା ହୋଇଥିବା ଏକ ଟ୍ରାକ୍ଟରକୁ ମଧ୍ୟ ପୋଲିସ ଜବତ କରି ଥାନାକୁ ନେଇଛି। ପ୍ରକାଶ ଯେ, ଗତ ଜୁଲାଇ ୨୪ରେ ସାବରଙ୍ଗ ପାଟଣାସାହିର ସଞ୍ଜୀବ କୁମାର ମହାନ୍ତିଙ୍କ ଘରୁ ଚୋରି ହୋଇଥିବା ନେଇ ତାଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି ସାବରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା (ନଂ.୨୦୩/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ତଦନ୍ତ ପରେ ଏହି ଚୋରିରେ ସମ୍ପୃକ୍ତ ଥିବା ସାବରଙ୍ଗ ଥାନା ଅଧୀନ ସେରପୁର ଗ୍ରାମର ଶ୍ରୀଧର ଜେନା(୪୨), ଜିତାନଗା ଗ୍ରାମର ଚନ୍ଦନ ପ୍ରଧାନ(୨୪), ବ୍ରହ୍ମପୁର (ପୋଖରୀଆଡ଼ି)ର କମଳାକାନ୍ତ ବାରିକ୍(୩୫) ଓ ତିହିଡ଼ି ଥାନା ଗାଜୀପୁର ଗ୍ରାମର ଅଭୟ ଖାମୁରାଇ(୩୨)ଙ୍କୁ ଶୁକ୍ରବାର ଗିରଫ କରିଥିବା ବେଳେ ଶନିବାର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରୀନା ବକ୍ସଲା ସୂଚନା ଦେଇଛନ୍ତି।

## ବରପଦା ଇଞ୍ଜିନିୟରିଂ କଲେଜ କର୍ମଚାରୀଙ୍କ ଧାରଣା ଜାରି

### ଅଧ୍ୟକ୍ଷଙ୍କ ବହିଷ୍କାର, ଗିରଫ ଦାବି

ଭଦ୍ରକ,୨୪।୮(ସନାତନ ରାଉତ)

ଭଦ୍ରକ ବରପଦା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷଙ୍କ ବହିଷ୍କାର ଓ ଗିରଫ ଦାବିରେ ଫାଟକ ଆଗରେ କର୍ମଚାରୀଙ୍କ ଧାରଣା ଜାରି ରହିଛି। ଶନିବାର ଏହି ଧାରଣା ଚତୁର୍ଥ ଦିନରେ ପହଞ୍ଚିଛି। ୪ ଦିନ ଧରି ଧାରଣା ଚାଲିଥିବା ବେଳେ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା କଲେଜ କର୍ତ୍ତୃପକ୍ଷ ଧାରଣାରତ କର୍ମଚାରୀଙ୍କ ନିକଟକୁ ଯାଇ ଆଲୋଚନା କରି ନ ଥିବା ଜଣାଯାଇଛି। ଗତ ୭ ତାରିଖରେ କଲେଜର କର୍ମଚାରୀ ଭାଗୀରଥି ରାଉତଙ୍କୁ ୨ଜଣ ସ୍ଥାନୀୟ ଯୁବକ କଲେଜ ପରିସରରେ ଆକ୍ରମଣ କରିଥିବା ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା।

ଥାନାରେ ମାମଲା(ନଂ. ୫୨୨/୨୪) ରୁଜୁ କରାଯାଇଥିବା ବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହୋଇଛି। କଲେଜ ଅଧ୍ୟକ୍ଷଙ୍କୁ ବହିଷ୍କାର ଓ ଗିରଫ ଦାବି ସହ ତାଙ୍କ କାର୍ଯ୍ୟକାଳ ସମୟରେ ଅନୁଷ୍ଠାନର ଆୟବ୍ୟୟର ତଦନ୍ତ, କଲେଜର ଦୁର୍ନୀତି, ପରିଚାଳନା କମିଟି ଭଙ୍ଗ, କର୍ମଚାରୀମାନଙ୍କ ବକେୟା ଦରମା ପ୍ରଦାନ ଆଦି ଦାବି କରାଯାଇଛି। ଭାଗୀରଥିଙ୍କ ସହ ରଘୁନାଥ ନାୟକ, ସଞ୍ଜୀବ ରାୟ, ପ୍ରଫୁଲ୍ଲ ଜେନା, ବିଶ୍ୱରଞ୍ଜନ ମହାପାତ୍ର, ରଞ୍ଜନ ବିନ୍ଧାଣୀ, ବିଜୟ ରାଉତ, ସୁକାନ୍ତ ସେଠୀ, କରୁଣାକର ମଲ୍ଲିକ, ଶୁଭଶ୍ରୀ ନାୟକ, ତିଳୋତ୍ତମା ଜେନା, ରାମଚନ୍ଦ୍ର ପାଢ଼ୀଙ୍କ ସମେତ ଅବସରପ୍ରାପ୍ତ ଓ ଛଟେଇ କର୍ମଚାରୀମାନେ ଧାରଣା ଦେଇଛନ୍ତି। ଏନେଇ ଅଧ୍ୟକ୍ଷ ମୋହନ ପଣ୍ଡା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ପୋଲିସ ଘଟଣାର ତଦନ୍ତ କରୁଛି ବୋଲି କହିଛନ୍ତି।


ବରପଦା ଇଞ୍ଜିନିୟରିଂ କଲେଜ ଫାଟକ ଆଗରେ ଧାରଣାରତ କର୍ମଚାରୀ।

## ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୧୦ବର୍ଷ ଜେଲ

ବାଲେଶ୍ୱର, ୨୪।୮(ବାଞ୍ଛାନିଧି ଦେ)

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ଜିଲା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଶନିବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଗତ ୨୦୧୮ରେ ବିବାହ ପ୍ରଲୋଭନ ଦେଖାଇ ସିମୁଳିଆ ଥାନା ଅଧୀନ ଅନ୍ତରା ଗାଁର ଭରତ ସେଠୀ ନାବାଳିକାଙ୍କୁ ଘରୁ ଅପହରଣ କରି ନେଇଥିଲେ। ଉକ୍ତ ନାବାଳିକାଙ୍କୁ ଆନ୍ଧ୍ରରେ ରଖି ଅନ୍ୟ ପୁରୁଷଙ୍କ ସହ ସମ୍ପର୍କ ରଖିବାକୁ ଅଭିଯୁକ୍ତ ଜଣକ ବାଧ୍ୟ କରୁଥିଲେ ବୋଲି ପୀଡିତା ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୨୩୩/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ମାମଲାରେ ୧୨ ଜଣ ସାକ୍ଷୀ ଏବଂ ୧୯ ଦଲିଲ, ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

## ନାଳରୁ ମହିଳାଙ୍କ ମୃତଦେହ ଜବତ

ବାସୁଦେବପୁର, ୨୪।୮
(ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତର କୁଡିଏଚେନ ଗ୍ରାମ ନିକଟସ୍ଥ ଏକ ନାଳରୁ ଜଣେ ମହିଳାଙ୍କ ମୃତଦେହ ଶନିବାର ସନ୍ଧ୍ୟାରେ କଷିଆ ସାମୁଦ୍ରିକ ଥାନା ପୋଲିସ ଜବତ କରିଛି। ମୃତା ମହିଳା ହେଲେ ସ୍ଥାନୀୟ ଅଞ୍ଚଳର ଲକ୍ଷ୍ମୀ ମଣ୍ଡଳ(୫୭)। ନାଳରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ କଷିଆ ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ। ଆଇଆଇସି ସାବିତ୍ରୀ ପଣ୍ଡା ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୪) ରୁଜୁ ହୋଇଛି। ମହିଳାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ଜ୍ଞାନବିଜ୍ଞାନ ମେଳା: ୧୯୬ ପ୍ରକଳ୍ପ ପ୍ରଦର୍ଶିତ

ବନ୍ତ,୨୪।୮(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବିଭାଗ ସମ୍ଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି। ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶୁଭେନ୍ଦ୍ର କୁମାର ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବୋତ୍ତର ସମ୍ଭାଗ ବାଲେଶ୍ୱରର ସଂଯୋଜକ ବିଭୂତି ଭୂଷଣ ପାଇକରାୟ, ମୁଖ୍ୟବକ୍ତା ନିଳୋକ ହାଇସ୍କୁଲର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଜେନା, ସାମାଜିକ କର୍ମୀ ଲକ୍ଷ୍ମୀଧର କର, ବନ୍ତ ସଙ୍କୁଳ ପ୍ରମୁଖ ନାରାୟଣ ଚନ୍ଦ୍ର ବୋଇତେଇ, ମଞ୍ଜୁରୀରୋଡ୍ ସଙ୍କୁଳ ସଂଯୋଜକ ତପନ କୁମାର ସାହୁ ଯୋଗଦେଇ ବିଜ୍ଞାନ ବିନା ଜ୍ଞାନ ଆହରଣ ଅସମ୍ଭବ ବୋଲି କହିଥିଲେ। ଏହି ମେଳାରେ ୧୯୬ ଶିଶୁ ପ୍ରତିଯୋଗୀ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସଭା ପରିଚାଳନା କରିଥିଲେ ବିଦ୍ୟାମନ୍ଦିର କମିଟିର ସଭାପତି ସୁରେନ୍ଦ୍ର କୁମାର ବାରିକ। ପ୍ରଧାନଆଚାର୍ଯ୍ୟ ସୁଧାଂଶୁ ଶେଖର ପଣ୍ଡା ସ୍ୱାଗତ ଭାଷଣ ଏବଂ ସୁବ୍ରତ ମୁଖାର୍ଜୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପ୍ରତିଯୋଗୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## କାଠ ଡିପୋ ପଞ୍ଜୀକରଣ ପାଇଁ ହାତଗୁଞ୍ଜା

ଭଦ୍ରକ,୨୪।୮(ସନାତନ ରାଉତ)

ରାଜ୍ୟର ଅନ୍ୟ ଜିଲା ତୁଳନାରେ ଭଦ୍ରକରେ ବହୁସଂଖ୍ୟାରେ କାଠ ଡିପୋ ଓ ସ'ମିଲ୍ ରହିଛି। ପଡ଼ୋଶୀ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ବହୁ ପରିମାଣରେ ଜଙ୍ଗଲ ଥିବାରୁ ବେପାରୀଙ୍କ ମାଧ୍ୟମରେ ସୁବିଧାରେ କାଠ ମିଳିଯାଉଛି। କାଠ ବ୍ୟବସାୟରେ ଭଲ ରୋଜଗାର ହେଉଥିବାରୁ କାଠ ଡିପୋ, ସ'ମିଲ୍, କରତକଳ ଓ କାଠ ବ୍ୟବସାୟ ବଢ଼ି ଚାଲିଛି। ଜିଲାର ବିଭିନ୍ନ ବ୍ଲକରେ ସରକାରୀ ସ୍ୱୀକୃତିପ୍ରାପ୍ତ ୮୦ଟି ଡିପୋ ଥିବା ବେଳେ ବେଆଇନ ଭାବେ ଅନେକ ଡିପୋ ଚାଲିଛି। ବନ ବିଭାଗ ପକ୍ଷରୁ ଅଧିକାଂଶ ସମୟରେ ବେଆଇନ କରତକଳରେ ଚଢ଼ାଉ କରାଯାଇ କାଠ ଓ ଯନ୍ତ୍ରାଂଶ ଜବତ କରାଯାଉଥିଲେ ମଧ୍ୟ ବେଆଇନ କରତକଳ ସଂଖ୍ୟା ବୃଦ୍ଧି ପାଉଛି। ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ କିଛି ସ୍ଥାନରେ କରତକଳ ନଷ୍ଟ କରାଯାଉଥିଲେ ମଧ୍ୟ କିଛିଦିନ ପରେ ସେହି ସ୍ଥାନରେ ପୁନର୍ବାର ଗଢ଼ି ଉଠୁଥିବା ଦେଖାଯାଉଛି। ବନଖଣ୍ଡ ଅଧିକାରୀଙ୍କ ଜାଣତରେ ହେଉ ଅବା ଅଜାଣତରେ ତଳିଆ କର୍ମଚାରୀ ଓ ଫରେଷ୍ଟଗାର୍ଡଙ୍କୁ ମାସିକ ହାତଗୁଞ୍ଜା ଦେଇ କରତ କଳ ଅବାଧରେ ଚାଲିଛି। ଜିଲାରେ ଭଦ୍ରକ, ବାସୁଦେବପୁର, ଚାନ୍ଦବାଲି, ଧାମନଗର ଆଦି ରେଞ୍ଜର ବିଭିନ୍ନ ସେକ୍ସନରେ ବହୁ କାଠ ବେପାରୀ ବେଆଇନ ଭାବେ ଖୁଲମଖୋଲା କାଠ ବିକ୍ରି କରୁଛନ୍ତି। କିଛି ବିଭାଗୀୟ ଅଧିକାରୀ ସେମାନଙ୍କଠାରୁ ମୋଟା ଟଙ୍କା ନେଇ ପ୍ରୋତ୍ସାହନ ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ନୂତନ ସରକାରୀ ସ୍ୱୀକୃତିପ୍ରାପ୍ତ ଡିପୋ ପାଇଁ ପଞ୍ଜୀକରଣ ନିମନ୍ତେ ସରକାରୀ ସ୍ତରରେ ମାତ୍ର ୧୧୦ ଟଙ୍କା ସ୍ଥିରୀକୃତ ହୋଇଛି। ୧୧୦ ଟଙ୍କାର ରସିଦ୍ କଟାଯାଉଥିବା ବେଳେ ଗାର୍ଡଠାରୁ ଉପରିସ୍ଥ ଅଧିକାରୀଙ୍କୁ ପୃଥକ୍ ପୃଥକ୍ ଭାବେ ହାତଗୁଞ୍ଜା ଦେବାକୁ ପଡୁଛି ବୋଲି ନାମ ଗୋପନ ରଖି କିଛି ଆବେଦନକାରୀ ଅଭିଯୋଗ କରୁଛନ୍ତି। ୨୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନ ଦେଲେ ଲାଇସେନ୍ସ ମିଳୁନାହିଁ। ବର୍ଷ ବର୍ଷ ଧରି ଫାଇଲ୍ ପଡ଼ି ରହୁଛି। ଅପରପକ୍ଷେ ବିଭାଗକୁ ମାତ୍ର ୧୧୦ ଟଙ୍କା ଯାଉଛି।


ବେଆଇନ କରତକଳରୁ ଜବତ କାଠ।

### ଚଢ଼ାଉ ସତ୍ତ୍ୱେ ବଢ଼ି ଚାଲିଛି ବେଆଇନ କରତକଳ

ସେହିପରି ଲାଇସେନ୍ସ ପାଇବା ପରେ ବାର୍ଷିକ ନବୀକରଣ ପାଇଁ ଅନୁରୂପ ଭାବେ ୧୧୦ ଟଙ୍କାର ରସିଦ୍ କଟା ଯାଉଥିବାବେଳେ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହାତଗୁଞ୍ଜା ଦେବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ଏନେଇ ଡିଏଫ୍ଓ ସୌଭାଗ୍ୟ ସାହୁ କହିଛନ୍ତି, ପଞ୍ଜୀକରଣ ଓ ନବୀକରଣ ପାଇଁ ବିଭାଗ ପକ୍ଷରୁ ଧାର୍ଯ୍ୟ ହୋଇଥିବା ୧୧୦ଟଙ୍କା ନିଆଯାଉଛି। କୌଣସି ଅଧିକାରୀ ଓ କର୍ମଚାରୀ ଲାଞ୍ଚ ନେଉଥିବା ଅଭିଯୋଗ ମିଥ୍ୟା। ଏପରି ଅଭିଯୋଗ କେବେ ତାଙ୍କ ପାଖକୁ ଆସିନାହିଁ। ସେହିପରି ବହୁ ସମୟରେ ବେଆଇନ କରତକଳରେ ଚଢ଼ାଉ କରାଯାଇ କାଠ ଓ ଯନ୍ତ୍ରାଂଶ ଜବତ କରାଯାଉଛି।

## ସଂକ୍ଷେପରେ

### ୱେଲ୍ଡିଂ ବେଳେ ଜଳିଗଲା ସ୍କୁଟି

ନୀଳଗିରି, ୨୪।୮(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଗୁଡ଼ିଖାଣିଆ ବସ୍ତି ନିକଟରେ ଏକ ୱେଲଡିଂ ଦୋକାନରେ ଏକ ଦୁର୍ଘଟଣା ଘଟିଛି। ଏକ ପେଟ୍ରୋଲ ସ୍କୁଟିର ମେନଷ୍ଟାଣ୍ଡ୍ ଭାଙ୍ଗିଯାଇଥିବାରୁ ୱେଲଡିଂ ବେଳେ ନିଆଁ ସଂସ୍ପର୍ଶରେ ଆସି ହୁତୁ ହୁତୁ ହୋଇ ଜଳିଗଲା। ନୀଳଗିରି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିକୁ ଆୟତ୍ତ କରିଥିଲେ ହେଁ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇ ଯାଇଥିଲା। ଗାଡ଼ି ମାଲିକ ହେଲେ ନୀଳଗିରି ଏନଏସି ଅଧୀନ ବରିସାହି ଗ୍ରାମର ଆରତ ନାୟକ।

### ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ବାଲେଶ୍ୱର, ୨୪।୮(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ସିଦ୍ଧି କଲ୍ୟାଣ ମଣ୍ଡପ ପରିସରରେ ଶନିବାର ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ର ଅଧକ୍ଷତା କରି ଏହାର ଦାୟିତ୍ୱ ବଣ୍ଟନ କରିଥିଲେ। ଜିଲା ପ୍ରଭାରୀ ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ ଯୋଗଦେଇ ସଦସ୍ୟତା ଅଭିଯାନର ରୂପରେଖ, କର୍ମଶାଳାର ସ୍ୱରୂପ, ସାଙ୍ଗଠନିକ ଦାୟିତ୍ୱ ଓ ସଂରଚନା ବିଷୟରେ ଆଲୋଚନା କରିଥିଲେ। ଜିଲା ସଦସ୍ୟତା ଅଭିଯାନର ସଂଯୋଜକ ଭାବେ କମଳଲୋଚନ ଦାସ, ସହସଂଯୋଜକ ଭାବେ ପ୍ରଦୀପ ପଣ୍ଡା, ଆଶିଷ ଘୋଷ ଓ ରାଜେଶ ମହାକୁଡ଼ଙ୍କୁ ମନୋନୀତ କରାଯାଇଥିଲା। ୧୮ବର୍ଷ କିମ୍ବା ୧୮ବର୍ଷରୁ ଅଧିକ ବ୍ୟକ୍ତି ସଦସ୍ୟତା ଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ସଦସ୍ୟତା ଅଭିଯାନ ପାଇଁ ଦଳ ପକ୍ଷରୁ ମୋବାଇଲ ନମ୍ବର ଜାରି ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ପରିଚାଳନା କରିଥିଲେ। ଅନ୍ୟତମ ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବାଲେଶ୍ୱରରେ ଗଡ଼ିଲା କୌଶଳ ରଥ

ବାଲେଶ୍ୱର, ୨୪।୮(ବାଞ୍ଛାନିଧି ଦେ)



ଅତିଥିଙ୍କ ଦ୍ୱାରା କୌଶଳ ରଥର ଶୁଭାରମ୍ଭ କରାଯାଉଛି।

ଛାତ୍ରୀଛାତ୍ରଙ୍କୁ ନୂତନ ବୈଷୟିକ ଓ କୌଶଳଭିତ୍ତିକ ଶିକ୍ଷା ସମ୍ବନ୍ଧରେ ସଚେତନ କରିବା ଲକ୍ଷ୍ୟ ନେଇ ବାଲେଶ୍ୱର ସହରସ୍ଥିତ ସରକାରୀ ଆଇଟିଆଇ ପରିସରରୁ ଶନିବାର 'କୌଶଳ ରଥ' ଗଡ଼ିବା ଆରମ୍ଭ କରିଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଜିଲା ମଙ୍ଗଳ ଅଧିକାରୀ ବିଦ୍ୟୁତଲତା ମହାପାତ୍ର, ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ଶୁଭାରମ୍ଭ କରାଯାଇଥିବା ଏହି କୌଶଳ ରଥ ୪ଦିନ ବ୍ୟାପୀ ଜିଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ବିଦ୍ୟାଳୟ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବ। ଏହି ରଥ ଶନିବାର ବାଲେଶ୍ୱର ଜିଲା ସ୍କୁଲ, ସରକାରୀ ପଲିଟେକ୍‌ନିକ, ସିପେଟ, ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଉତ୍କଳ ବାଳାଶ୍ରମ ଗସ୍ତ କରିଛି। ସେହିପରି ୨୫ତାରିଖରେ ଏହା ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ କବାଟଘାଟୀ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଖୁଆଡ଼ ଓ ଜଳେଶ୍ୱର ଗାନ୍ଧୀ ସେବାଶ୍ରମ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ତୃତୀୟ ଦିନ ୨୬ ତାରିଖରେ କୃଷ୍ଣ ସୁଖାରି କନ୍ୟାଶ୍ରମ, ଓଏଭି ଯାମୁଡ଼ିହା, ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟ, ତେଲିଆପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଛତ୍ରପୁର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଗସ୍ତ କରିବାର କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି। ଅନ୍ତିମ ଦିନ ୨୭ ତାରିଖରେ ବାହାନଗା ଉଚ୍ଚ ବିଦ୍ୟାଳୟ, ଔପଦା ଉଚ୍ଚ ବିଦ୍ୟାଳୟ, ଖଇରା ଉଚ୍ଚ ବିଦ୍ୟାଳୟ ଓ ଗଗୁଆ ଉଚ୍ଚ ବିଦ୍ୟାଳୟ ପରିଭ୍ରମଣ କରି କୌଶଳ ରଥ ଭଦ୍ରକ ଜିଲା ଗସ୍ତ କରିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଆମ୍ବବନ୍ଧର ମରାମତି ପାଇଁ ଚିଠି ଲେଖିଲେ ସରପଞ୍ଚ


ପୁନଃନିର୍ମାଣ ଅପେକ୍ଷାରେ ୧୯୯୫ ମସିହାରେ ନିର୍ମିତ ଆମ୍ବବନ୍ଧ।

ଖଇରା, ୨୪।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ଗ୍ରାମ ପଞ୍ଚାୟତ ଅଧୀନ ଅସୁରିଆ ନନ୍ଦୁର ମଝାମଝିରେ ରହିଥିବା ଆମ୍ବବନ୍ଧ ମରାମତି ପାଇଁ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପତି ୨୩ ତାରିଖରେ ବାଲେଶ୍ୱର ଜଳସେଚନ ବିଭାଗକୁ ଚିଠି ଲେଖିଛନ୍ତି। ତୁରନ୍ତ ବନ୍ଧର ପୁନଃ ନିର୍ମାଣ କରି ବିଭିନ୍ନ ଗ୍ରାମର ଚାଷଜମିକୁ ଜଳ ମାଡିବାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

ପାଖାପାଖି ୧୫ରାଜସ୍ୱ ଗ୍ରାମର ଚାଷଜମିକୁ ଜଳସେଚିତ କରିବାକୁ ୧୯୯୫ ମସିହାରେ ପଥରଶୁଣି ନଦୀ ଉପରେ ଆମ୍ବବନ୍ଧ ନିର୍ମାଣ କରାଯାଇଥିଲା। ତେବେ ନଦୀବନ୍ଧକୁ ଠିକ୍ ଢଙ୍ଗରେ କରାଯାଇ ନ ଥିବାରୁ ପ୍ରବଳ ବର୍ଷା ସମୟରେ ଉଦବୃତ୍ତ ଜଳରାଶିର ନିଷ୍କାସନ ବ୍ୟବସ୍ଥା କରାଯାଇ ନ ଥିବାରୁ ସୁଙ୍ଗୁଡା ଓ ଗୁଆଳଡି ଭଳି ଗ୍ରାମର ଚାଷଜମିଗୁଡିକ ପାଣିରେ ବୁଡ଼ି ରହୁଥିଲା । ସେପଟେ ନିଅଣ୍ଟିଆ ବର୍ଷା ସମୟରେ ଏହି ସଂରକ୍ଷିତ ଜଳ ଅସୁରିଆ, ସାରଡାଙ୍ଗ ଭଳି ୧୫ ରାଜସ୍ୱ ଗ୍ରାମର ଚାଷୀଙ୍କ ଜମିକୁ ଜଳ ଯୋଗାଉଥିଲା। ହେଲେ ୩୦ବର୍ଷ ଧରି ମରାମତି ଅଭାବରୁ ବହୁ ସ୍ଥାନରେ ବଡ ବଡ ଫାଟ ଓ ଘାଇ ସୃଷ୍ଟି ହୋଇ ଜଳ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ବିଭିନ୍ନ ସମୟରେ ରହୁଥିବା ସରପଞ୍ଚମାନେ ଜଳସେଚନ ବିଭାଗ ସୋର ସେକ୍ସନକୁ ଅଭିଯୋଗ କରୁଥିଲେ ହେଁ ମରାମତି କରାଯାଉ ନ ଥିବାରୁ ଏବେ ପୁନର୍ନିର୍ମାଣର ଆବଶ୍ୟକତା ପଡିଲାଣି। ପୁନଶ୍ଚ ଚଳିତବର୍ଷ ଏଭଳି ଜଳକଷ୍ଟ ସମୟରେ ବନ୍ଧ ଚାଷୀଙ୍କ କାମରେ ଆସୁ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଏଫ୍‌ଏମ୍‌ୟୁ ସହ ଏଇଆର୍‌ଏଫ୍‌ର ବୁଝାମଣାପତ୍ର



ବୁଝାମଣା ପତ୍ର ସ୍ୱାକ୍ଷରିତ ହେଉଛି।

ବାଲେଶ୍ୱର, ୨୪।୮(ବାଞ୍ଛାନିଧି ଦେ)

ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ) ସହ ପୁନେସ୍ଥିତ ଆପ୍ଲାଏଡ ଏନଭରନମେଣ୍ଟ ରିସର୍ଚ୍ଚ ଫାଉଣ୍ଡେଶନ (ଏଇଆର୍‌ଏଫ୍) ଏକ ଅଣ ସରକାରୀ ସଙ୍ଗଠନ ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୁଳସଚିବ କୁକୁମୀନା ଦାସଙ୍କ ଦ୍ୱାରା ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଇଆର୍‌ଏଫ୍ ହେଉଛି ପୁନେଠାରେ ଅବସ୍ଥିତ ଏକ ପଞ୍ଜିକୃତ ଅଣ-ସରକାରୀ ସଙ୍ଗଠନ (ଏନଜିଓ)। ୧୯୯୪ରେ ଆରମ୍ଭ ଏହି ସଙ୍ଗଠନ ଭୂମିରେ ଜୈବ ବିବିଧତା ସଂରକ୍ଷଣ ଦିଗରେ କାର୍ଯ୍ୟ କରିଆସୁଛି। ଏହି ସଙ୍ଗଠନ ବିଭିନ୍ନ ଗବେଷଣା, ତାଲିମ, ଦକ୍ଷତା ବିକାଶ ଏବଂ ସଂରକ୍ଷଣ ପାଇଁ ନେଟ୍‌ୱର୍କ ପାଇଁ ମଧ୍ୟ ଦେଶରେ କାମ କରିଆସୁଛି। ଦାରିଦ୍ର୍ୟ ଦୂରୀକରଣ, ନିରନ୍ତର ଉତ୍ସଗୁଡ଼ିକର ବ୍ୟବହାର, ଅଂଶଗ୍ରହଣକାରୀ ସଂରକ୍ଷଣ ପାଇଁ ଅନୁସନ୍ଧାନ ଏବଂ ବିକାଶ ପ୍ରକ୍ରିୟାରେ ଏହାର ପ୍ରଭାବଶାଳୀ ବ୍ୟବହାର ମଧ୍ୟରେ ଏକ ଦୃଢ଼ ସଂଯୋଗ ସ୍ଥାପନ କରିବାର ଲକ୍ଷ୍ୟ ନେଇ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କୁ ଗବେଷଣାତ୍ମକ ସହଯୋଗ ଯୋଗାଇ ଦେବାର ପ୍ରୟାସ ନେଇ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଇଆର୍‌ଏଫ୍‌ର ନିର୍ଦ୍ଦେଶକ ଡ. ଅର୍ଚ୍ଚନା ଗୋଡ଼ବୋଲେ ଉପସ୍ଥିତ ହୋଇ ଏହି ବୁଝାମଣାପତ୍ରର ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ କୁଳପତି ପ୍ରଫେସର ତ୍ରିପାଠୀ ଏହି ପାରସ୍ପରିକ ସହଯୋଗ ଦ୍ୱାରା ମିଳିତ ଭାବରେ ଇଷ୍ଟର୍ନ ଘାଟ ଓ ୱେଷ୍ଟର୍ନ ଘାଟର ପରିବେଶ ସଂରକ୍ଷଣ ଦିଗରେ ସାମୂହିକ ଗବେଷଣା ସମ୍ଭବ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଡ. ରୋଜାଲିନ ଦାସ, ଡ. ପଙ୍କଜ କୁମାର ପାଢ଼ୀଙ୍କ ସମେତ ସମସ୍ତ ବିଭାଗ ମୁଖ୍ୟ, ଅଧ୍ୟାପିକାଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ସେନା କର୍ମଚାରୀଙ୍କ ଅକାଳ ବିୟୋଗ

ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୪।୮-ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ କଣ୍ଡାଡ଼ିହା ଗ୍ରାମର ରମାକାନ୍ତ ପ୍ରଧାନଙ୍କ ବଡ଼ ପୁଅ ସେନା କର୍ମଚାରୀ ଜଗନ୍ନାଥ ପ୍ରଧାନ ( ୨୮)ଙ୍କ ଶନିବାର ଅକାଳରେ ବିୟୋଗ ଘଟିଛି। ଜଗନ୍ନାଥ ମାମୁ ଘର ନିଖିରା ପଞ୍ଚାୟତ ତଳ ଧାନଦାରେ ରହି ପାଠପଢିବା ପରେ ଗତ ୨୦୨୧ରେ ଆସାମ ରାଇଫଲରେ ଯୋଗ ଦେଇଥିଲେ। ସେ ଅରୁଣାଚଳ ପ୍ରଦେଶରେ ଥିଲେ। ଗତ ୭ ତାରିଖରେ ଜଗନ୍ନାଥ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତଦେହକୁ ଭୁବନେଶ୍ୱରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଦେବା ପରେ ପ୍ରଥମେ ମାମୁ ଘର ଗାଁ ତଳଧାନଦା ଗ୍ରାମକୁ ନିଆଯାଇଥିଲା। ପରେ ମରଶରୀରକୁ କଣ୍ଡାଡ଼ିହାକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



# ଦୋଷୀଙ୍କୁ ୧୦ବର୍ଷ ଜେଲଦଣ୍ଡ

ବାଲେଶ୍ୱର, ୨୪।୮(ବାଞ୍ଛାନିଧି ଦେ)

**ନାବାଳିକା ବଳାତ୍କାର ମାମଲା**

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ଜିଲା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଶନିବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ଗତ ୨୦୧୮ରେ ବିବାହ ପ୍ରଲୋଭନ ଦେଖାଇ ସିମୁଳିଆ ଥାନା ଅଧୀନ ଅନ୍ତରା ଗାଁର ଭରତ ସେଠୀ ନାବାଳିକାଙ୍କୁ ଘରୁ ଅପହରଣ କରି ନେଇଥିଲେ। ଉକ୍ତ ନାବାଳିକାଙ୍କୁ ଆନ୍ଧ୍ରରେ ରଖି ଅନ୍ୟ ପୁରୁଷଙ୍କ ସହ ସମ୍ପର୍କ ରଖିବାକୁ ଅଭିଯୁକ୍ତ ଜଣକ ବାଧ୍ୟ କରୁଥିଲେ ବୋଲି ପୀଡିତା ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୨୩୩/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ମାମଲାରେ ୧୨ ଜଣ ସାକ୍ଷୀ ଏବଂ ୧୯ ଦଲିଲ, ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ବିଶେଷଜ୍ଞ ଡାକ୍ତର ପଦବୀ ଫାଙ୍କା: ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

**ଜିଲା ମୁଖ୍ୟ ଚିକିତ୍ସାଳୟ, ରୂପ୍‌ସା ସ୍ୱାସ୍ଥ୍ୟକେନ୍ଦ୍ର**

ବାଲେଶ୍ୱର, ୨୪।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ଧରି ବିଶେଷଜ୍ଞ ଡାକ୍ତର ପଦବୀ ଫାଙ୍କା ପଡ଼ିଛି। ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଧିକାଂଶ ସମୟରେ ମୁଖ୍ୟ ଚିକିତ୍ସାଳୟରୁ ରୋଗୀଙ୍କୁ ଭୁବନେଶ୍ୱର କିମ୍ବା କଟକ ମେଡିକାଲ ସ୍ଥାନାନ୍ତର କରାଯାଉଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଶନିବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ୍ କରି ଉଭୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡିପିଏଚଓ, ଆଡିଶନାଲ ଡିପିଏଚଓଙ୍କ ସମେତ ଭେଷଜ, ନିଶ୍ଚେତକ, ଚର୍ମ ଓ ଯୌନ, ଚକ୍ଷୁ, ଯକ୍ଷ୍ମା ଓ ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସେହିପରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତୀ, ଶିଶୁ, ଭେଷଜ ଏବଂ ଶଲ୍ୟ ବିଭାଗ ବିଶେଷଜ୍ଞ ନିଯୁକ୍ତି ପାଇଁ ସ୍ମାରକପତ୍ରରେ ଦର୍ଶାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଉଭୟ ଚିକିତ୍ସାଳୟରେ ଫାଙ୍କା ପଡ଼ିଥିବା ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟକ ଦତ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ।


ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ବିଧାୟକ।

# ଶିଶୁ ସାହିତ୍ୟ ପ୍ରତିଭା ପ୍ରତିଯୋଗିତା

ବାହାନଗା, ୨୪।୮(ଅରୂପ କୁମାର ଦାସ)

ବାହାନଗା ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଦେବେନ୍ଦ୍ରପୁରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ସାହିତ୍ୟ ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲାର ବେତନଟୀଠାରେ ଥିବା ଶତଦଳ ଶିଶୁ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଆୟୋଜନ କରାଯାଇଥିଲା।

ଶିଶୁ ସାହିତ୍ୟ ପ୍ରତିଯୋଗିତାରେ ଶିଶୁ ବିଦ୍ୟାମନ୍ଦିରର ୨ୟ ଶ୍ରେଣୀଠାରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାରେ କଇଁଫୁଲ ପ୍ରତିଭା ସମ୍ମାନ ନିମନ୍ତେ ଗଳ୍ପଲିଖନ, କବିତା ଲିଖନ ନିମନ୍ତେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ପ୍ରଦାନ ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଗୁରୁଜୀ ନାରାୟଣ ପ୍ରସାଦ ଅଗସ୍ତି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ଶେଖର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଗୁରୁଜୀ କପିଳେନ୍ଦ୍ର ନାୟକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶତଦଳ ଶିଶୁ ସାହିତ୍ୟର କର୍ମକର୍ତ୍ତା ମହେଶ୍ୱର ମହାରଣା, ଶରତ ଚନ୍ଦ୍ର ମହାପାତ୍ର, ସୁଶାନ୍ତ କୁମାର କର, ସୁଜିତ୍ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କର ପ୍ରତିଭା ବିକାଶ ନିମନ୍ତେ କଇଁ ଫୁଲ ସାହିତ୍ୟ ପତ୍ରିକାରେ ସେମାନଙ୍କ ଗଳ୍ପ ଓ କବିତା ପ୍ରକାଶିତ ହେଲେ ଛୋଟ ଛୋଟ ଛାତ୍ରୀଛାତ୍ରମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣ ପ୍ରକାଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ସୁଜିତ୍ କୁମାର ଦାସ ଯୋଗଦେଇ ସଭାକୁ ପରିଚାଳନା କରିଥିଲେ। ୨ଟି ପର୍ଯ୍ୟାୟରେ ଗଳ୍ପ ଲିଖନ ଓ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଂଯୋଜକ ଭାବେ ବିଦ୍ୟାଳୟ ଅକ୍ଷୟ ଗୁରୁଜୀ କାର୍ଯ୍ୟ ତୁଲାଇଥିଲେ। କଇଁଫୁଲ ପ୍ରତିଭା ସମ୍ମାନ ନିମନ୍ତେ ଗଳ୍ପଲିଖନରେ ପ୍ରଥମ ହୋଇଛନ୍ତି ଶ୍ୟାମଳେନ୍ଦୁ ପଣ୍ଡା । ଦ୍ୱିତୀୟ ହୋଇଥିଲେ ନେଲସୀ ପଣ୍ଡା, ତୃତୀୟ ହୋଇଛନ୍ତି ସମରଜିତ୍ ବିଶ୍ୱାଳ। ସେହିପରି କବିତା ଲିଖନରେ ନମିତା ପାଣିଗ୍ରାହୀ ପ୍ରଥମ, ଦିବ୍ୟାଂଶୁ ପାଢୀ ଦ୍ୱିତୀୟ ଓ ସାଇପ୍ରିୟା ମହାଳିକ ତୃତୀୟ ହୋଇଛନ୍ତି। ଶେଷରେ ସୂର୍ଯ୍ୟକାନ୍ତ ଗୁରୁଜୀ ଧନ୍ୟବାଦ ଦେଇଥିଲେ।


ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ

ରାମଚନ୍ଦ୍ରପୁର, ୨୪।୮(ଗଣେଶ୍ୱର ସା): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ଗଡ଼ ବାନ୍ଧଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ସାପୁଆସାହିସ୍ଥିତ ବୋଉଗଡ଼ିଆ ସାପ୍ତାହିକ ହାଟରେ ଚାଲିଥିବା ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରିଛି। ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ହେଲେ ସାପୁଆ ସାହିର ବନ ମୁଣ୍ଡା(୨୫), ଗୁରୁଚରଣ ମୁଣ୍ଡା(୩୨), ବାପୁନି ମୁଣ୍ଡା(୧୯) ଏବଂ ବୋଉଗଡ଼ିଆର ଶେଷଦେବ ସ୍ୱାଇଁ (୪୦)। ସୂଚନା ଅନୁଯାୟୀ, ବୋଉଗଡ଼ିଆ ସାପ୍ତାହିକ ହାଟରେ ଦୀର୍ଘ ଦିନ ଧରି ଜୁଆଖେଳ ହେଉଥିବା ଅଭିଯୋଗ ହେଉଥିଲା। ଉକ୍ତ ବିଷୟରେ ରାମଚନ୍ଦ୍ରପୁର ପୋଲିସକୁ ଅଭିଯୋଗ ପରେ ଶୁକ୍ରବାର ଅପରାହ୍ଣ ୪ଟାରେ ଥାନା ଅଧିକାରୀ ବିଜୟ ସିଂଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ କରଯାଇଥିଲା। ଚଢ଼ାଉରେ ଏକ ପ୍ଲେଇଂ ସେଟ୍, ୨୬୦୦ଟଙ୍କା, ୨ଟି ମୋବାଇଲ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରଯାଇଥିଲା। ଏକ ମାମଲା(ନଂ. ୩୦୩/୨୪) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

# ରିଜର୍ଭ ପୋଲିସ, ଷ୍ଟାଡିୟମ ରାସ୍ତା ବିପର୍ଯ୍ୟସ୍ତ

କେନ୍ଦୁଝର,୨୪।୮(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହରର ରାସ୍ତା ଘାଟ ରକ୍ଷଣାବେକ୍ଷଣ ଅଭାବରୁ ଏବଂ ନିମ୍ନମାନର କାମ ଯୋଗୁ ସାମାନ୍ୟ ବର୍ଷାରେ ଭାଙ୍ଗି ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଫଳରେ ଦୁର୍ଘଟଣା ଘଟିବା ସହ ସହରବାସୀ ହନ୍ତସନ୍ତ ହେଉଛନ୍ତି। ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ରିଜର୍ଭ ପୋଲିସ ତଥା ପରେଡ୍ ଗ୍ରାଉଣ୍ଡ ଷ୍ଟାଡ଼ିୟମକୁ ଯାଇଥିବା ରାସ୍ତାକୁ ଦେଖିଲେ ଜିଲା ମୁଖ୍ୟାଳୟର ରାସ୍ତା ଘାଟ ଅବସ୍ଥା ଅନୁମାନ କରିହେବ। ଏହି ରାସ୍ତାରେ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ବର୍ଷା ପାଣି ଜମା ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏହି ମୁଖ୍ୟ ରାସ୍ତା ଖରାପ ଯୋଗୁ ରିଜର୍ଭ ପୋଲିସମାନେ ମଧ୍ୟ ଅସୁବିଧା ଭୋଗୁଛନ୍ତି। ଅଗଷ୍ଟ ୧୫ ପରେଡକୁ ଯିବା ପାଇଁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଭିଆଇପିମାନେ ସମସ୍ୟାରେ ପଡୁଛନ୍ତି। ସେହିପରି ସହର ଅନନ୍ୟ ପ୍ରମୁଖ ସାହି, ୱାର୍ଡ ରାସ୍ତାଗୁଡ଼ିକ ମଧ୍ୟ ଭାଙ୍ଗି ଶୋଚନୀୟ ଅବସ୍ଥା ହୋଇପଡ଼ିଛି। ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ବଢୁଛି। ମରାମତି ଆଳରେ ପ୍ରତ୍ୟେକ ବର୍ଷ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ନିମ୍ନମାନର କାମ ଯୋଗୁ ଅଳ୍ପ ଦିନରେ ରାସ୍ତା ପୂର୍ବ ଅବସ୍ଥା ହୋଇଯାଉଛି। ଏ ନେଇ ପଦକ୍ଷେପ ନିଆ ନ ଗଲେ ପ୍ରତିବାଦ କରାଯିବ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ସମେତ ଅନ୍ୟମାନେ ଦାବି କରିଛନ୍ତି।



### ପ୍ରହ୍ଲାଦ ପାଟଣା ଯାଦବ ସଂଘର ନୂତନ ସଭାପତି

ପାଟଣା,୨୪।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଶୁକ୍ରବାର ଯାଦବ ସଂଘର ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରଦାୟର ବରିଷ୍ଠ ନାଗରିକ ମଙ୍ଗୁଲୁ ଚରଣ ବାରିକଙ୍କ ଅଧ୍ୟକ୍ଷତାରେ ସଂଗଠନର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ସଭାପତି ଭାବେ ଏମ୍‌ପି ପ୍ରତିନିଧି ପ୍ରହ୍ଲାଦ ପଲେଇ, ସମ୍ପାଦକ ଭାବେ ଖବରଦାତା ରଞ୍ଜନ ବାରିକ, ସହ ସମ୍ପାଦକଭାବେ ଲଳିତ ମୋହନ ଗିରି, ଉପ ସଭାପତି ଭାବେ ଅଭୟ ବେହେରା, ପ୍ରମୋଦ ବାରିକ, କେଶବ ଚନ୍ଦ୍ର ବାରିକ, କୋଷାଧ୍ୟକ୍ଷ ଭାବେ କପିଳ ବାରିକ, ଯୁଗ୍ମ କୋଷାଧ୍ୟକ୍ଷଭାବେ ସତ୍ୟାନନ୍ଦ ବେହେରା ଓ ସାଂସ୍କୃତିକ ସମ୍ପାଦକ ଭାବେ ଗୋପବନ୍ଧୁ ମହାକୁଡ଼ ମନୋନୀତ ହୋଇଛନ୍ତି। ଆସନ୍ତା ସୋମବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଗୁଲୁଦିପଶିରେ ଆଡମ୍ବର ସହକାରେ ପାଳିବାକୁ ସଂଗଠନ ନିଷ୍ପତ୍ତି ନେଇଥିବା ସମ୍ପାଦକ ରଞ୍ଜନ ବାରିକ କହିଛନ୍ତି।

# ଯୋଡ଼ା ସହରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଯୋଡ଼ା,୨୪।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଜନସାଧାରଣଙ୍କ ସୁବିଧା ଏବଂ ପ୍ରଦୂଷଣରୁ ବର୍ତ୍ତିବା ପାଇଁ ସୁଦୀର୍ଘ ଫ୍ଲାଏଓଭର ନିର୍ମାଣ ହୋଇଥିଲା। ଏହାଦ୍ୱାରା ସହରରେ ଟ୍ରାଫିକ୍ ସମସ୍ୟା ଦୂରହେବା ନେଇ ଲୋକେ ଆଶାବ୍ୟକ୍ତ କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ସର୍ଭିସ୍ ରୋଡ୍ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ରାସ୍ତାକଡ଼ ଉଠାଦୋକାନୀ ସମସ୍ୟାକୁ ବଢ଼ାଇଦେଉଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ବସ୍‌ଷ୍ଟାଣ୍ଡଠାରୁ ଷ୍ଟେଟ୍‌ବ୍ୟାଙ୍କ ପର୍ଯ୍ୟନ୍ତ ସର୍ଭିସ୍ ରୋଡ୍ ସମ୍ପୂର୍ଣ୍ଣ କରାଯାଇନାହିଁ। ଫଳରେ ପଥଚାରୀ, ୪ ଚକିଆ, ୨ ଚକିଆ ଆରୋହୀ ମନୁଷ୍ୟକୃତ ଅସୁବିଧା ପାଇଁ ହଇରାଣ ହେଉଛନ୍ତି। ଅଧାପନ୍ତରିଆ ସର୍ଭିସ୍ ରୋଡ୍ ଜୀବନକୁ ଦୁର୍ବିଷହ କରି ପକାଇଲାଣି ବୋଲି ସ୍ଥାନୀୟ ବାସିନ୍ଦା ରସିକ ଲାଲ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ଖଟୁଆ, ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ କହିଛନ୍ତି। ବିଶେଷ କରି ଯୋଡ଼ା ବନପାଳ କାର୍ଯ୍ୟାଳୟଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରହିଥିବା ଉଠା ଜଳଖିଆ, ଫାଷ୍ଟଫୁଡ୍ ଦୋକାନ ଆଗରେ ବେପରୁଆ ଭାବେ ବାଇକ୍ ଓ ଗାଡ଼ି ଠିଆ ହେଉଥିବାରୁ ଅସମ୍ଭାଳ ଭିଡ଼ ହେଉଛି। ଯୋଡ଼ା ସୁପର ମାର୍କେଟ ରାସ୍ତାରେ ଗାଡ଼ି ପାର୍କିଂ ହେଉଥିବାରୁ ବସ୍‌ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବସ୍‌ଯାତ୍ରୀ ସୁଲୋଚନା ହେମ୍ବ୍ରମ, ଆଶା ମାଝି, ଦ୍ରୌପଦୀ ଖିଲାର, ମହମ୍ମଦ ସାକିବ ପ୍ରମୁଖ କହିଛନ୍ତି। ସେହିପରି ଦୋକାନୀ ରାଜେଶ ମେହେଟା, ରବି ବାରିକ, ମଦନ ମୋହନ ବାରିକ ପ୍ରମୁଖ କହିଛନ୍ତି, ଅମାନିଆ ବାଇକ୍‌ରେ ସାଇଲେନ୍ସରକୁ ରୂପାନ୍ତରିତ କରି ଦେଉଥିବାରୁ ବିକଟାଳ ଶବ୍ଦରେ କାନ ଫାଟିଯାଉଛି। ଯୋଡ଼ା ଥାନା ଆଇଆଇସି ଲୋକେଶ ସାହୁ କହିଛନ୍ତି, ଚେକିଂ ଚାଲିଛି, ଆଭ୍ୟନ୍ତରୀଣ ସହରରେ ଏହି ଚେକିଂ ଆରମ୍ଭ କରାଯାଇଛି। ଶୀଘ୍ର ଏଥିରେ ସୁଧାର ଅଣାଯିବ। ଟ୍ରାଫିକ୍ ସମସ୍ୟା ଉପରେ ଯୋଡ଼ା ପୌର ଅଧକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ କହିଛନ୍ତି, ଟ୍ରାଫିକ୍ ସମସ୍ୟା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ୱାନ୍ ୱେ ଟ୍ରାଫିକ୍ ଲାଗୁକରାଯାଇ ଟ୍ରାଫିକ୍ ନିୟନ୍ତ୍ରଣ କରାଯିବ। ଫ୍ଲାଏଓଭର ନିର୍ମାଣକାରୀ ଠିକା ସଂସ୍ଥା ଚେଭରକ୍ସର ମାନବ ସମ୍ବଳ ଅଧିକାରୀ ଭାଗୀରଥି ପଣ୍ଡା କହିଛନ୍ତି, ବର୍ଷା ଯୋଗୁ ନିର୍ମାଣରେ ବିଳମ୍ବ ହେଉଛି। ଡ୍ରେନ୍‌ରେ ବର୍ଷାଜଳ ନିଷ୍କାସନ ହେଉଥିବାରୁ ସିମେଣ୍ଟ କଂକ୍ରିଟ କାମ ହୋଇପାରୁନାହିଁ। ୧ ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି।

